ଧରିତ୍ରୀ
DHARITRI

Dharitri

# ଗାୟତ୍ରୀବାଳା ପଣ୍ଡା ପାଇଲେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ବିଶିଷ୍ଟ ଓଡ଼ିଆ କବି ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ମିଳିଛି ୨୦୨୨ ବର୍ଷ ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'। କବିତା ପୁସ୍ତକ 'ଦୟାନଦୀ' ପାଇଁ ସେ ଏହି ଜାତୀୟ ପୁରସ୍କାର ପାଇଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏକାଡେମୀର ନବନିର୍ବାଚିତ ସଭାପତି ମାଧବ କୌଶିକ ଡ. ପଣ୍ଡାଙ୍କୁ ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଓ ତାମ୍ର ଫଳକ ପ୍ରଦାନ କରିଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଇଣ୍ଡୋ-ଇଂଲିଶ ଲେଖକ ଉପମନ୍ୟୁ ଚାଟାର୍ଜୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ଓ ଉପସଭାପତି ବିଶିଷ୍ଟ ସାହିତ୍ୟିକା କୁମୁଦ୍ ଶର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ଏକାଡେମୀ ପକ୍ଷରୁ ୬ଦିନିଆ ସାହିତ୍ୟ ଉତ୍ସବ 'ଫେଷ୍ଟିଭାଲ ଅଫ ଲେଟର୍ସ' ଆରମ୍ଭ ହୋଇଛି। ପୁରସ୍କାର ଗ୍ରହଣ କରି ଡ. ପଣ୍ଡା କହିଛନ୍ତି, ୨୦୧୭ ମସିହାରେ ପକ୍ଷୀଘର ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ 'ଦୟାନଦୀ' କଳିଙ୍ଗ ଯୁଦ୍ଧ ଉପରେ ଆଧାରିତ। ପୁସ୍ତକରେ ସ୍ଥାନ ପାଇଥିବା କବିତା ସବୁ ଇତିହାସର କୌଣସି ତାତ୍ତ୍ୱିକ ଆଲୋଚନା ବା କାବ୍ୟରୂପ ନୁହେଁ; ଏହା ଐତିହାସିକ ଦୟା ନଦୀରେ ନୌଯାତ୍ରାର କାବ୍ୟିକ ସମ୍ବେଦନା। କଳିଙ୍ଗ ଯୁଦ୍ଧର ଏକମାତ୍ର ସାକ୍ଷୀ ହେଉଛି ଦୟାନଦୀ, ଯାହା ଏବେ ବି ରହିଛି। ଶାନ୍ତି, ପ୍ରୀତି ଓ ମୈତ୍ରୀର ଜୟଗାନ କରୁଛି ବୋଲି ଗାୟତ୍ରୀବାଳା କହିଛନ୍ତି। ପୂର୍ବରୁ ଗାୟତ୍ରୀବାଳା ୨୦୧୧ରେ କବିତା ସଂକଳନ 'ଗାଁ ପାଇଁ ପ୍ରଥମେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିଲେ। ଏହାବ୍ୟତୀତ ସେ ରାଜ୍ୟ ଯୁବ ପୁରସ୍କାର, ରାଜୀବ ଗାନ୍ଧୀ ସଦ୍ଭାବନା ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ଯୁବ ସାହିତ୍ୟିକ ସମ୍ମାନ, ଶାରଳା କାବ୍ୟ ସମ୍ମାନ ପ୍ରମୁଖ ମଧ୍ୟ ପାଇଛନ୍ତି।




ଡ. ଗାୟତ୍ରୀବାଳା ପଣ୍ଡା 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ଗ୍ରହଣ କରୁଛନ୍ତି।